## କେଉଁ ମାସରେ କେଉଁ ପନିପରିବା ଲଗାଇବେ

| ପନିପରିବାର ନାମ | ଲଗାଇବା ସମୟ | ମଞ୍ଜି ଏକର ପ୍ରତି |
|---|---|---|
| ବାଇଗଣ | ଜୁନ୍, ଅକ୍ଟୋବର-ନଭେମ୍ବର, ଫେବୃୟାରୀ | ୩୦୦ଗ୍ରା |
| କଦଳୀ | ଜୁନ୍ –ଜୁଲାଇ | ୧୨୦୦ଚାରା |
| ଟମାଟୋ | ମେ – ଜୁନ୍ | ୨୦୦-୨୫୦ଗ୍ରା |
| ବନ୍ଧାକୋବି | ଅକ୍ଟୋବର-ନଭେମ୍ବର | ୨୦୦ଗ୍ରା |
| ଫୁଲକୋବି | ସେପ୍ଟେମ୍ବର-ଅକ୍ଟୋବର | ୨୦୦ଗ୍ରା |
| ଭେଣ୍ଡି | ଜାନୁୟାରୀ-ଫେବୃୟାରୀ ଜୁନ୍-ଜୁଲାଇ | ୫-୬କିଗ୍ରା |
| ଲଙ୍କାମରିଚ | ଜାନୁୟାରୀ-ଫେବୃୟାରୀ | ୧୬୦ଗ୍ରା |
| କାଙ୍କଡ | ଜୁନ୍-ଜୁଲାଇ | ୪୦୦୦ବୁଦା |
| ଗୁଆଁର | ଜୁନ୍-ଜୁଲାଇ, ଫେବୃୟାରୀ-ମାର୍ଚ୍ଚ | ୭-୮କିଗ୍ରା |
| କଖାରୁ | ଜୁନ୍, ଫେବୃୟାରୀ-ମାର୍ଚ୍ଚ | ୨-୩କିଗ୍ରା |
| ପାଳ ଛତୁ | ମାର୍ଚ୍ଚ – ଅକ୍ଟୋବର | – |
| ଧିଙ୍ଗିରି | ନଭେମ୍ବର-ଫେବୃୟାରୀ | |
| ଜହ୍ନି, କଲରା | ଜୁନ୍, ଫେବୃୟାରୀ-ମାର୍ଚ୍ଚ | ୨କି.ଗ୍ରା. |
| ଶିମ୍ବ | ଜୁନ୍-ଅଗଷ୍ଟ | ୪କିଗ୍ରା |
| ପିଆଜ | ନଭେମ୍ବର-ଡିସେମ୍ବର | ୪କିଗ୍ରା (ମଞ୍ଜି) |
| ରସୁଣ | ଅକ୍ଟୋବର-ନଭେମ୍ବର | ୧୫୦କି.ଗ୍ରା କୋଳା |
| ଅମୃତଭଣ୍ଡା | ଜୁନ୍-ଜୁଲାଇ | ୬୪୦ ଚାରା |
| ସଜନା | ଜୁଲାଇ | ୪୦ ଟି ଗଛ |
| ପଣସ | ମେ – ଜୁନ୍, ଜୁଲାଇ – ଅଗଷ୍ଟ | ୪୦ଟି ଗଛ |
| ପୋଟଳ | ଅକ୍ଟୋବର-ଜାନୁୟାରି | ୭-୮ହଜାରଟି ଚେର |
| କୋଶଳା ଶାଗ | ଅକ୍ଟୋବର-ଜାନୁୟାରୀ | ୧.୫କିଗ୍ରା |
| ଚିନାବାଦାମ | ଜୁନ୍, ସେପ୍ଟମ୍ବର-ଅକ୍ଟୋବର, ଜାନୁୟାରୀ-ଫେବୃୟାରି | ୫୦କି.ଗ୍ରା. |
| କାକୁଡି | ଜୁନ୍-ଜୁଲାଇ, ଫେବୃୟାରୀ-ମାର୍ଚ୍ଚ | ୨କି.ଗ୍ରା. |
| ହରଡ | ଜୁନ-ଜୁଲାଇ, ସେପ୍ଟମ୍ବର-ଅକ୍ଟୋବର | ୬-୮କି.ଗ୍ରା |
| ବିରି | ଜୁନ, ସେପ୍ଟମ୍ବର-ଅକ୍ଟୋବର | ୧୦କି.ଗ୍ରା |

## ଫସଲର ଯତ୍ନ ପାଇଁ କେତୋଟି ବିଶେଷ ସୂଚନା

- ଧାନତଳି ଉପାଡିବାର ୭ଦିନ ପୂର୍ବରୁ ତଳିଘେରାର ୧୦ଡିସିମିଲ୍ ଜମି ପ୍ରତି ୧୨୦୦ଗ୍ରା. ଫୁରାଡନ୍ କିମ୍ବା ୫୦୦ଗ୍ରା ଥିମେଟ ପ୍ରୟୋଗ କରିବା ସହ ୧ ଲିଟର ପାଣିପ୍ରତି ୨ଗ୍ରା ବାଭିଷ୍ଟିନ୍ ଓ ୩ଗ୍ରା. ବ୍ଲାଇଟକ୍ସର ମିଶ୍ରଣ ପତ୍ରରେ ସିଞ୍ଚନ କରନ୍ତୁ।
- ପୋଟଳ ଲଗାଇବା ବେଳେ ବୁଦା ପ୍ରତି ୫୦ଗ୍ରା ନିମପିଡିଆ, ୧୦ଗ୍ରା ଫୁରାଡନ୍ ଓ ଟ୍ରାଇକୋଡ୍ରାମା ଫିମ୍ପି ମୂଳରେ ଦେଲେ ଝାଉଁଳା ନିରୋଧ ଶକ୍ତି ବଢାଏ।
- ଭଣ୍ଡା ଗଛରେ ଭଲ ଫଳ ରହିବା ପାଇଁ ଲଗାଇବା ବେଳେ ଗଛ ପ୍ରତି ୨ ଝୁଡି ଖତ, ଯବକ୍ଷାରଜାନ, ଫସଫରସ ଓ ପଟାସ ୨୦୦ଗ୍ରା. ଲେଖାଏଁ ଏବଂ ଲଗାଇବାର ୩ମାସ ପରେ ଆଉ ଏକ ଦଫାରେ ୨ ଝୁଡି ଖତ ଓ ୨୦୦ଗ୍ରା ଯବକ୍ଷାରଜାନ, ୨୫୦ ଫସଫରସ ଓ ୧୫୦ ଗ୍ରା. ପଟାସ ପ୍ରୟୋଗ କରିବା ଉଚିତ।
- ଉକୁଣିଆ ପୋକ ଓ ଅଷ୍ଟପଦୀ ଆକ୍ରମଣ ଦ୍ୱାରା ହେଉଥିବା ଲଙ୍କା ଗଛର ପତ୍ର ମୋଡା ରୋଗର ନିୟନ୍ତ୍ରଣ ପାଇଁ ଫୁଲ ଫଳ ନଥିବା ବେଳେ ହେକ୍ଟର ପ୍ରତି ୧୦୦୦ ମି.ଲି. ମନୋକ୍ରୋଟାଫସ୍ ସିଞ୍ଚନ କରିବା ଆବଶ୍ୟକ। ଫଳନ୍ତି ଅବସ୍ଥାରେ ଏ ସମସ୍ୟା ଦେଖାଗଲେ ହେକ୍ଟର ପ୍ରତି ୧୦୦୦ ମି.ଲି ଏଣ୍ଡୋସଲ୍‌ଫାନ୍ ଅଥବା ମାଲାଥିଅନ୍‌କୁ ୫୦୦ ଲି. ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ।
- ଚିନାବାଦାମ ରେ ଉକୁଣିଆ ପୋକକୁ ନିୟନ୍ତ୍ରଣ କରିବା ପାଇଁ ହେକ୍ଟର ପ୍ରତି୧୦୦୦ମି.ଲି. ମନୋକ୍ରୋଟାଫସ୍ କିମ୍ବା ଏଣ୍ଡୋସଲ୍‌ଫାନ୍ କିମ୍ବା ଡାଇମିଥୋଏଟ୍‌କୁ ୫୦୦ ଲି. ପାଣିରେ ମିଶାଇ ଫସଲ ଉପରେ ସ୍ପ୍ରେ କରିବା ଆବଶ୍ୟକ।
- ବାଇଗଣରେ ଫଳସଢା ରୋଗର ନିୟନ୍ତ୍ରଣ ପାଇଁ ବିହନକୁ କି.ଗ୍ରା ପ୍ରତି ୩ଗ୍ରା. ହିସାବରେ ଥିରାମ୍ କିମ୍ବା କାପ୍ଟାନ୍ କିମ୍ବା ୨ଗ୍ରା. ହିସାବରେ କାର୍ବେଣ୍ଡାଜିମ୍ ଔଷଧକୁ ଗୋଳାଇ ବିଶୋଧନ କରିବା ଉଚିତ।
- ହରଡରେ ଫିମ୍ପିଜନିତ ଝାଉଁଳା ରୋଗକୁ ନିୟନ୍ତ୍ରଣ ପାଇଁ ମଞ୍ଜି ବୁଣିବା ପୂର୍ବରୁ କିଲୋଗ୍ରାମ ପ୍ରତି ୩ଗ୍ରା. ଥିରାମ୍ କିମ୍ବା ୨ଗ୍ରା. କାର୍ବେଣ୍ଡାଜିମ୍ ଔଷଧକୁ ଗୋଳାଇ ବିହନ ବିଶୋଧନ କରିବା ଉଚିତ ଏବଂ ଝାଉଁଳା ରୋଗ ଦେଖାଦେଲେ ପ୍ରତି ଏକ ଲିଟର ପାଣିରେ ଏକ ଗ୍ରା. କାର୍ବେଣ୍ଡାଜିମ ଔଷଧ ମିଶାଇ ଗଛମୂଳ ମାଟିକୁ ସ୍ପ୍ରେ କରି ଭିଜାଇ ଦେବା ଉଚିତ।
- ଭେଣ୍ଡିର ନାଲି ଅଷ୍ଟପଦୀ ରୋଗ ନିୟନ୍ତ୍ରଣ ପାଇଁ ଡାଇକୋବିଲ୍ ଏକର ପ୍ରତି ୬୦୦ ମି.ଲି କିମ୍ବା ଫୋମପାଇରସ୍କି ମାଇଟ୍ ୨୫୦ମି.ଲି ସିଞ୍ଚନ କରନ୍ତୁ।
- ପାଳଛତୁ ପାଇଁ ୩୦ ରୁ ୩୫ ଡିଗ୍ରୀ ସେଲସିୟସ ତାପକ୍ରମ ଓ ଧିଙ୍ଗିରି ଛତୁ ପାଇଁ ୨୦ ରୁ ୨୫ ଡିଗ୍ରୀ ତାପକ୍ରମ ଅନୁକୂଳ ଅଟେ।
- ବର୍ଷା ଦିନିଆ ପିଜୁଳିକୁ ପୋକାରୁ ରକ୍ଷା କରିବା ପାଇଁ ୨ଲି. ପାଣିରେ ୨ଗ୍ରା. କାର୍ବେଣ୍ଡାଜିମ୍ ଅଥବା ୨ମି.ଲି ମାଲାଥିଅନ୍ ସହିତ ୨୦ଗ୍ରା. ଗୁଡ ମିଶାଇ ଗଛ ଉପରେ ଛିଞ୍ଚିବା ଆବଶ୍ୟକ।

**ବିଭିନ୍ନ ଋଷ ସମ୍ପର୍କିତ ଉନ୍ନତ ଜ୍ଞାନକୌଶଳ ପାଇଁ କେନ୍ଦ୍ରରେ ଅଛନ୍ତି.......**

ଡ଼ଃ ସୁତନୁ କୁମାର ଶତପଥି, ଉଦ୍ୟାନ ବିଶେଷଜ୍ଞ - ୯୪୩୭୬୧୯୩୧୦
ଡ଼ଃ (ଶ୍ରୀମତୀ) ଗୀତାଞ୍ଜଳୀ ସୁବୁଦ୍ଧି, ଗୃହ ବିଜ୍ଞାନ - ୯୪୩୭୭୯୯୮୦୧
ଶ୍ରୀ ଦେବାଶିଷ ଷଡ଼ଙ୍ଗୀ, ମୃତ୍ତିକା ବିଶେଷଜ୍ଞ - ୯୪୩୭୮୬୪୯୭୬
ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା, ଫସଲ ସଂରକ୍ଷଣ - ୯୪୩୯୧୪୪୩୭୬
ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, ମତ୍ସ୍ୟ ବିଶେଷଜ୍ଞ - ୯୪୩୭୨୬୫୫୬୫

**ମୁଖ୍ୟ ସମ୍ପାଦକ**
ଡ଼ଃ ସୁତନୁ କୁମାର ଶତପଥୀ, କାର୍ଯ୍ୟକ୍ରମ ସଂଯୋଜକ
**ସମ୍ପାଦନା ମଣ୍ଡଳୀ**
ଶ୍ରୀ ଦେବାଶିଷ ଷଡ଼ଙ୍ଗୀ, ବିଷୟ ବସ୍ତୁ ବିଶେଷଜ୍ଞ
ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, ବିଷୟ ବସ୍ତୁ ବିଶେଷଜ୍ଞ
ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା, ବିଷୟ ବସ୍ତୁ ବିଶେଷଜ୍ଞ
**କୃତଜ୍ଞତା**
ଶ୍ରୀ ଶିତିକଣ୍ଠ ମିଶ୍ର, କାର୍ଯ୍ୟକ୍ରମ ସହାୟକ

# ଋଷିକୁଲ୍ୟା

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର)

ସଂଖ୍ୟା-୪ | ଚତୁର୍ଥ ବର୍ଷ | ଅକ୍ଟୋବର ୨୦୧୧ ରୁ ମାର୍ଚ୍ଚ ୨୦୧୨






## ସଂପ୍ରସାରଣ ଅଧ୍ୟକ୍ଷଙ୍କ ବାର୍ତ୍ତା



କୃଷି ଓ ଆନୁସଂଗିକ ତଥ୍ୟ ସମ୍ବନ୍ଧୀୟ ବିବିଧ ଜ୍ଞାନକୌଶଳ ସନ୍ନିବେଶିତ ଷାଣ୍ମାସିକ କୃଷିସୂଚନା ପତ୍ରିକା "ଋଷିକୁଲ୍ୟା" କୃଷି ବିଜ୍ଞାନ କେନ୍ଦ୍ରର ଏକ ଅଭିନବ ପ୍ରୟାସ। ଏହି ଷାଣ୍ମାସିକ ପତ୍ରିକା ଦ୍ୱାରା କୃଷି ଓ ବିଜ୍ଞାନ ସମ୍ବନ୍ଧରେ ଚାଷୀମାନଙ୍କୁ ଅବଗତ କରାଇବାର ପ୍ରଚେଷ୍ଟା ଓ ସମୟୋଚିତ ପଦକ୍ଷେପ ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ। "ଋଷିକୁଲ୍ୟା" ମାଧ୍ୟମରେ ଗଞ୍ଜାମ ଜିଲ୍ଲାର କୃଷି ଓ ଆନୁଷଙ୍ଗିକ କୃଷି ସମ୍ବନ୍ଧୀୟ ବିବିଧ ଜ୍ଞାନ କୌଶଳକୁ ଉପଯୋଗ କରି ଚାଷୀଭାଇମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ।

ଅଧ୍ୟକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୂବନେଶ୍ୱର

## ସଂପାଦକୀୟଙ୍କ କଲମରୁ.....



ସମାଚାର ପତ୍ରିକା "ଋଷିକୁଲ୍ୟା" ରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମର ବିଭିନ୍ନ କାର୍ଯ୍ୟକ୍ରମକୁ ସଂକ୍ଷିପ୍ତ ଭାବରେ ପ୍ରକାଶ କରାଯାଇଛି। ଷାଣ୍ମାସିକ ପତ୍ରିକା "ଋଷିକୁଲ୍ୟା" କୃଷି ଓ ଆନୁସଂଗିକ ତଥ୍ୟ ସମ୍ବନ୍ଧୀୟ ବିବିଧ ଜ୍ଞାନକୌଶଳ ଚାଷୀମାନଙ୍କୁ ଅବଗତ କରାଇବାରେ ସହାୟକ ହେବ। ମୋର ଆଶା ଓ ବିଶ୍ୱାସ ଯେ ଆଗାମୀ ଦିନମାନଙ୍କରେ ଅକ୍ଳାନ୍ତ ପରିଶ୍ରମ, ଅନ୍ୟାନ୍ୟ ବିଭାଗଗୁଡିକର ସାହାଯ୍ୟ ଓ ସର୍ବୋପରି ଚାଷୀଭାଇମାନଙ୍କର ପ୍ରେରଣାକୁ ପାଥେୟ କରି ଏହି କେନ୍ଦ୍ର ତା'ର ଲକ୍ଷ୍ୟପଥ ରେ ଅଗସର ହେବା ସହିତ "ଋଷିକୁଲ୍ୟା" ଏ ସବୁ କାର୍ଯ୍ୟକୁ ଚାଷୀଙ୍କ ପାଖରେ ପହଞ୍ଚାଇବାକୁ ସକ୍ଷମ ହେବ।

କାର୍ଯ୍ୟକ୍ରମ ସଂଯୋଜକ
କୃଷି ବିଜ୍ଞାନ କେନ୍ଦ୍ର, ଗଂଜାମ, ଭଞ୍ଜନଗର








## ୧୮ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ :

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମର ୧୮ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଗତ ବର୍ଷ ଜୁନ୍ ମାସ ୧୭ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ପରିସରରେ କୃଷି ସଂପ୍ରସାରଣ ଅଧକ୍ଷ ଡଃ ଶଙ୍କର୍ଷଣ ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଗଞ୍ଜାମ ଜିଲ୍ଲାର କୃଷି ସମସ୍ୟା ଉପରେ ଆଧାରିତ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ତର୍ଜମା କରାଯାଇଥିଲା । ଗଞ୍ଜାମ ଜିଲ୍ଲାର ଜଳବାୟୁ ଓ ଭୌଗଳିକ ଅବସ୍ଥିତିକୁ ଦୃଷ୍ଟିରେ ରଖି ଫଳ ଓ ପନିପରିବା ଚାଷ, ଧାନ ସହିତ ମାଛଚାଷ, ସମନ୍ୱିତ ଚାଷ ପଦ୍ଧତି, ନୂତନ ବିହନ କିସମର ଚାଷ ଇତ୍ୟାଦି ଉପରେ ଆଲୋକପାତ କରାଯାଇଥିଲା ।ଏହି ବୈଠକରେ ଅନ୍ୟତମ ସଦସ୍ୟ ମାନଙ୍କ ମଧ୍ୟରେ ଏଥିରେ ଉଦ୍ୟାନ ଉପନିର୍ଦ୍ଦେଶକ, ଏ.ଜି.ଏମ୍ ନାବାର୍ଡ, ଜିଲ୍ଲା କୃଷି ଅଧିକାରୀ, ଆସିକା, କୃଷି ବିଜ୍ଞାନ କେନ୍ଦ୍ର ରା.ଉଦୟଗିରି ଓ ଜି.ଉଦୟଗିରିର କାର୍ଯ୍ୟକ୍ରମ ସଂଯୋଜକ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା, ଏବଂ ଆଗୁଆ ଚାଷୀଭାଇମାନେ ଯୋଗ ଦେଇ କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି କୃଷି ବିଜ୍ଞାନ କେନ୍ଦ୍ରର ୨୦୧୨-୧୩ ବର୍ଷର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମର ତୃତୀୟ ତ୍ରୈମାସିକ ସମାଚାର ପତ୍ରିକା "ଋଷିକୁଲ୍ୟା" ଉନ୍ମୋଚିତ ହୋଇଥିଲା ।




## ସମନ୍ୱିତ ପ୍ରଣାଳୀରେ ମାଛ ଚାଷ

ମାଛ ଚାଷରେ କୃତ୍ରିମ ଖାଦ୍ୟର ଆବଶ୍ୟକତା ଓ ଖର୍ଚ୍ଚ କମାଇବା ସହିତ ପୋଖରୀ ସଂଲଗ୍ନ ପଡିଆ ଭୂମି ଓ ହୁଡାର ସୁବିନିଯୋଗ କରି ଏକକ ଯାଗାରୁ ମାଛ ସହିତ ପନିପରିବା, ଫଳ ଓ ଅନ୍ୟାନ୍ୟ ପ୍ରାଣୀଜାତ ଖାଦ୍ୟ ଦ୍ରବ୍ୟ ଆମଦାନୀ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଭଂଜନଗର ତରଫରୁ ସମନ୍ୱିତ ପ୍ରଣାଳୀରେ ମାଛ ସହିତ ବତକ, ପନିପରିବା ଓ କଦଳୀ ଚାଷ ଉପରେ ଏକ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଉକ୍ତ ପ୍ରଦର୍ଶନୀରେ ଚାଷୀ ମାନଙ୍କୁ ଉନ୍ନତ ମାନର ମାଛ ଜାଆଁଳା, ବତକ (ଖାକି କ୍ୟାମ୍ପବେଲ) ଟିସୁ କଲ୍‌ଚର କଦଳୀ ଓ ଅନ୍ୟାନ୍ୟ ପନିପରିବା ଚାରା ଯୋଗାଇଦେବା ସହିତ ତାଲିମ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କ୍ଷେତ୍ର ପ୍ରଦର୍ଶନୀରୁ ଚାଷୀ ମାନେ ହେକ୍ଟର ପିଛା ୨.୪ ଟନ୍ ମାଛ ସହିତ ୩୭୫୦ ବତକ ଅଣ୍ଡା, ୨୨୫ କେଜି ମାଂସ ଓ ଅନ୍ୟାନ୍ୟ ପନିପରିବା ଅମଳ କରି ହାରାହାରି ୯୫,୦୦୦ଟଙ୍କା ନିଟ୍ ଲାଭ ପାଇଥିଲେ । ଯାହାକି ସ୍ଥାନୀୟ ଅମଳ ଅପେକ୍ଷା ୫୨ ପ୍ରତିଶତ ଅଧିକା ଥିଲା । ମାଛ ଚାଷରେ ମୋଟ ଖର୍ଚ୍ଚର ପରିମାଣ ପୂର୍ବାପେକ୍ଷା ୨୫ ପ୍ରତିଶତ କମିବା ସହିତ ପୋଖରୀରେ ପ୍ଲବକ ପରିମାଣ ୨.୦ରୁ ୨.୫ ମଧ୍ୟରେ ଏବଂ ଅମ୍ଳତା ୭.୦ ରୁ ୮.୫ ମଧ୍ୟରେ ରହିଥିଲା ।

## ମୃତ୍ତିକା ପରୀକ୍ଷା



କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗରର ମୃତ୍ତିକା ଓ ଜଳ ପରୀକ୍ଷାଗାରରେ ୨୦୧୧-୧୨ରେ ମୋଟ ୮୪୫ଟି ନମୁନା ପରୀକ୍ଷା କରାଯାଇଛି । ୮୪୫ ଜଣ ଚାଷୀଙ୍କ ନମୂନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିଆଯାଇଛି । ପରୀକ୍ଷା କରାଯାଇଥିବା ନମୁନା ମଧ୍ୟରୁ ଶତକଡା ୬୪ ଭାଗ ମୃତ୍ତିକା ଅମ୍ଳ ଶତକଡା ୨୫ ଭାଗ ନିରପେକ୍ଷ ଓ ଶତକଡା ୧୨ ଭାଗ କ୍ଷାରୀ ଶ୍ରେଣୀର ।

## ଟ୍ରାଇକୋକାର୍ଡ, ସଂଘ ଆକର୍ଷକ ଯନ୍ତା ଦ୍ୱାରା ବାଇଗଣର କାଣ୍ଡବିନ୍ଧା ପୋକ ଦମନ



ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବ୍ଲକ ଅର୍ନ୍ତଗତ ବେଣାକୁଣ୍ଡା ଗ୍ରାମରେ କୃଷକ କ୍ଷେତ୍ର ପରୀକ୍ଷଣ ମାଧ୍ୟମରେ ବାଇଗଣର କାଣ୍ଡବିନ୍ଧା ପୋକର ସମନ୍ୱିତ କୀଟ ପରିଚାଳନା କରାଯାଇଥିଲା । ଫୁଲ ଆସିବା ସମୟରେ ପ୍ରଥମେ ନିମଜାତୀୟ ଔଷଧ ପ୍ରୟୋଗ କରାଯାଇଥିଲା । ତାପର ଅବସ୍ଥାରେ ସଂଘଆକର୍ଷକ ଯନ୍ତା ଏକର ପ୍ରତି ୧୦ ଟି ଦିଆଯାଇଥିଲା । ପରବର୍ତ୍ତୀ ଅବସ୍ଥାରେ ଟ୍ରାଇକୋଗାମା ଚିଲୋନି ପୋକ ୧୦ ଦିନ ଅନ୍ତରରେ କ୍ଷେତରେ ଛଡାଯାଇଥିଲା । ଦେଖାଯାଇଛି ପୋକର ଦମନ ଶତକଡା ୨୫ଭାଗରୁ ୪.୫ଭାଗକୁ କମିଯାଇଥିଲା । ଚାଷୀ ପାଖାପାଖି ୨୫୦କ୍ୱିଣ୍ଟାଲ ହେକ୍ଟର ପ୍ରତି ଅମଳ ପାଇଥିଲେ ।

## ଶୀତଦିନରେ ପଲିହାଉସ ଭିତରେ ପାଳଛତୁ ଚାଷର ପ୍ରଦର୍ଶନ



ଶୀତ ଦିନରେ ପାଳଛତୁ ର ଚାହିଦା ପୂରଣ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ପରିସର ସହିତ ନିକଟବର୍ତ୍ତୀ ତୁଳସୀପଲ୍ଲୀ ଗ୍ରାମର ଅଗ୍ରଣୀ ଚାଷୀ ଶ୍ରୀମତି ପ୍ରତିମା ନାୟକଙ୍କ ଘରବାଡିରେ ୨୦୦ ମାଇକ୍ରନ ୟୁ.ଭି ଷ୍ଟାବିଲାଇଜଡ୍ ପଲିଥିନ୍ ଦ୍ୱାରା ସଂପୂର୍ଣ୍ଣ ଆବୃତ କୋଠରୀ ମଧ୍ୟରେ ପାଳଛତୁ ଚାଷର ପ୍ରଦର୍ଶନ କରାଯାଇଥିଲା । ଆର୍ଦ୍ରତା ନିୟନ୍ତ୍ରଣ କରିବା ପାଇଁ ୨ଇଞ୍ଚ ବହଳର ଓଦା ନଈ ବାଲିର ଏକ ଆସ୍ତରଣ ନିମ୍ନଭାଗରେ ଦିଆଯାଇଛି । ପଲିହାଉସ ମଧ୍ୟରେ ବେଡ୍ ପିଛା ହାରାହାରି ଉତ୍ପାଦନ ୧.୧୮କି.ଗ୍ରା ହୋଇପାରିଛି । ଚାଷୀ ଭଉଣୀଙ୍କୁ ଏହି ପଦ୍ଧତିରେ ବେଡ୍ ପିଛା ହାରାହାରି ଲାଭ ଟ.୮୦ ମିଳିଛି ଏବଂ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ଏହି ପଦ୍ଧତିରେ ଶୀତଦିନରେ ପାଳ ଛତୁ ଚାଷ ପାଇଁ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି ।





## ତୈଳବୀଜ ଓ ଡାଲିଫସଲରେ ଆଗୁଆଧାଡି ପ୍ରଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଶୀତଦିନେ ପାଲପଡା ଗ୍ରାମରେ କାଦେରୀ-୬ (Kaderi-6) ଚିନାବାଦାମ କିସମ ୫ଜଣ ଚାଷୀଙ୍କୁ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନରେ ଦିଆଯାଇଥଲା । ମାଟି ପରୀକ୍ଷା ଅନୁଯାଇ ଅନୁମୋଦିତ ସାର ଓ କୋଡାଖୋସା ସମୟରେ ଜିପ୍‌ସମ ପ୍ରୟୋଗ କରାଯାଇଥିଲା । ଚାଷୀମାନେ ବୈଜ୍ଞାନିକଙ୍କ ପରାମର୍ଶରେ ଅନୁସାରେ ଔଷଧ ଓ ଜଳ ପରିଚାଳନା ଠିକ୍ ସମୟରେ କରିଥିଲେ ଏବଂ ହେକ୍ଟର ପ୍ରତି ଆଦାୟ ୨୦.୬ କ୍ୱିଣ୍ଟାଲ ହୋଇଥିଲା । ସେହିପରି କୁଜିଭେରେଡା ଓ ମାଳିଚନ୍ଦ୍ରପଲ୍ଲୀ ଗ୍ରାମରେ ମୁଗ କିସମ ଟି.ଏ.ଆର.ଏମ-୧ (TARM-1)ର ୬ଜଣ ଚାଷୀଙ୍କ ମଧ୍ୟରେ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନରେ ଦିଆଯାଇଥିଲା । ରାଇଜୋବିୟମ ବୀଜାଣୁରେ ମଞ୍ଜି ବିଶୋଧନ କରାଯିବା ସହିତ ଇମିଡାକ୍ଲୋପିଡ ର ସିଞ୍ଚନ କରାଯାଇଥିଲା । ସର୍ବାଧିକ ଆଦାୟ ଶୀତଦିନେ ୬.୯ କ୍ୱିଣ୍ଟାଲ ହେକ୍ଟର ପ୍ରତି ଅମଳ ହୋଇଥିଲା ।





ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟରୁ ବାହାରିଥିବା ବିରି କିସମ ପି.ୟୁ-୩୧ (PU-31) ତୁଳସିପଲ୍ଲୀ ଗ୍ରାମରେ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନରେ ଦିଆଯାଇଥିଲା, ସେମାନଙ୍କୁ ମାଟି ପରୀକ୍ଷାନୁସାରେ ଅନୁମୋଦିତ ସାର, ଜୀବାଣୁ ସାର ଓ ଠିକ୍ ସମୟରେ ପୋକମରା ଔଷଧର ପ୍ରୟୋଗ ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିଲା ଓ ସର୍ବାଧିକ ଆଦାୟ ୭.୪ କ୍ୱିଣ୍ଟାଲ ହେକ୍ଟର ପ୍ରତି ଅମଳ ହୋଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଜିରାବାଡି ଗ୍ରାମରେ ୫ଜଣ ଚାଷୀଙ୍କର କ୍ଷେତରେ ପ୍ରାୟ ୪.୦ହେ. ହରଡର ଉନ୍ନତ କିସମ ବିହନ ଆଶା (Asha) ର ପ୍ରଦର୍ଶନୀ ସଫଳତାର ସହ କରାଯାଇଛି । ରାଇଜୋବିୟମ ବୀଜାଣୁରେ ମଞ୍ଜି ଉପଚାର, ଟ୍ରାଇକୋଡର୍ମା ଭିରିଡିରେ ମଞ୍ଜି ବିଶୋଧନ କରାଯିବା ସହ ଧାଡିରେ ମଞ୍ଜିକୁ ରୋପଣ କରାଯାଇଥିଲା । ଏଥିରେ ସର୍ବାଧିକ ଆଦାୟ ୯.୩ କ୍ୱି. ଅମଳ ହୋଇଥିଲା



## ଚାଷ କ୍ଷେତ୍ରରେ ଜଳର ସଦୁପଯୋଗ ତାଲିମ ଶିବିର

ସର୍ବଭାରତୀୟ ଜଳ ପରିଚାଳନା ପ୍ରକଳ୍ପ, ଚିପିଲିମା ସମ୍ବଲପୁର ଓ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମର ମିଳିତ ଆନୁକୂଲ୍ୟରେ ତା.୧୫.୦୩.୨୦୧୨ ଠାରୁ ତା ୨୧.୦୩.୨୦୧୨ ମଧ୍ୟରେ ଜଳର ପରିଚାଳନା ଶିବିର କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ ଭଞ୍ଜନଗର ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ ପ୍ରଣାଳୀରେ ଧାନ ଚାଷ, ମହୁ ଚାଷ, ଛତୁ ଚାଷ, ଜୈବିକ କୃଷି, କୃଷି କ୍ଷେତ୍ରରେ ଉନ୍ନତ ଯନ୍ତପାତି, ଫଳ ଓ ପନିପରିବା ଚାଷ, ରୋଗ ପୋକ ନିୟନ୍ତ୍ରଣ, ମାଛଚାଷ, ଡାଲି ଓ ତୈଳବିଜ ଫସଲ ଚାଷରେ ଜଳର ସୁପରିଚାଳନା, ମୃତ୍ତିକା ପରୀକ୍ଷାର ଆବଶ୍ୟକାତା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ।

## କୃଷକ ମେଳା



ଚଳିତ ବର୍ଷ ଜାନୁଆରି ମାସ ୬ ତାରିଖରେ ଜଗନ୍ନାଥପ୍ରସାଦ ବ୍ଲକର ଭାବସର ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ ତରଫରୁ ଏକ କୃଷକ ମେଳା ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ଜଗନ୍ନାଥପ୍ରସାଦ ମହାବିଦ୍ୟାଳୟର ଅଧକ୍ଷ, ଜଗନ୍ନାଥପ୍ରସାଦବ୍ଲକର ସହକାରୀ କୃଷି ଅଧିକାରୀ, ସ୍ଥାନୀୟ ଉଦ୍ୟାନ ବିଭାଗର କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ ଇତ୍ୟାଦି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜକ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହା ବ୍ୟତୀତ ବୈଜ୍ଞାନିକ ମାନେ ପନିପରିବା ଚାଷ, ମାଛ ଚାଷ, ଛତୁ ଚାଷ, ଶସ୍ୟ ସଂରକ୍ଷଣ, ଜିଆ ଖତ ପ୍ରସ୍ତୁତିର ନୂତନ ଜ୍ଞାନକୌଶଳ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ।

## ସାର ସିଞ୍ଚନ ଯନ୍ତ ଉପରେ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ



ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ବ୍ଲକ ଅର୍ନ୍ତଗତ ମାଧବରିଡା ଗ୍ରାମରେ ଗତ ବର୍ଷ ଅକ୍ଟୋବର ୨୭ ତାରିଖରେ ସାର ସିଞ୍ଚନ ଯନ୍ତ୍ର ଉପରେ ଏକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଯନ୍ତ୍ରର ବ୍ୟବହାର ଫଳରେ ଜମିର ସବୁ ସ୍ଥାନରେ ସମାନ ଭାବରେ ସାରର ପ୍ରୟୋଗ ହୋଇପାରିବା ସହିତ ହାତରେ ସାର ପ୍ରୟୋଗ ସମୟରେ ଚର୍ମରେ ସାର ସଂସ୍ପର୍ଶ ଜନିତ କଷ୍ଟ ଲାଘବ ହୋଇପାରିଛି । ଏହାଦ୍ୱାରେ ଜମିରେ ସାର ପକାଇବା ଖର୍ଚ୍ଚ ହେକ୍ଟର ପିଛା ୩୨ଟଙ୍କା ହ୍ରାସ ପାଇଛି । ଫଳସ୍ୱରୂପ ସାର ସିଞ୍ଚନ ଯନ୍ତ୍ର ବ୍ୟବହାର ପାଇଁ ମାଧବରିଡ଼ା, ବୃଦୂଲି, ମଳାସ ପଦର ଓ ଆଖପାଖ ଗ୍ରାମଗୁଡିକରେ ଆଗ୍ରହ ବୃଦ୍ଧି ପାଇଛି ।

## ଜାତୀୟ କୃଷି ପ୍ରୋତ୍ସାହନୀକରଣ ଯୋଜନା



ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦବ୍ଲକର ଚୋପରା ଗ୍ରାମରେ କୃଷି ପ୍ରୋତ୍ସାହନୀକରଣ ଯୋଜନା ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ଏବଂ କେନ୍ଦ୍ରିୟ ଶୁଷ୍କାଞ୍ଚଳ ଗବେଷଣା କେନ୍ଦ୍ର, ହାଇଦ୍ରାବାଦତରଫରୁ କୃଷି ଉପରେ ଜଳବାୟୁ ପରିବର୍ତ୍ତନର ସମ୍ଭାବ୍ୟ ପ୍ରଭାବକୁ ପ୍ରତିହିତ କରିବା ପାଇଁ ବିଭିନ୍ନ ପ୍ରଦର୍ଶନୀ ମାନ ଅନୁଷ୍ଠିତ ହୋଇଛି । ଏଥିରେ ଅଳ୍ପଦିନିଆ ଧାନ କିସମ, ମରୁଡି ସହନଶୀଳ ଧାନ ବିହନ ଚାଷ, ଶଙ୍କର ଜାତୀୟ ଧାନ, ବୁନ୍ଦା ଓ ଫଗୁଆ ଜଳସେଚନ, ଢିପ ଜମିରେ ଅଣଧାନ ଫସଲ ମୁଗ, ବିରି, ସୂର୍ଯ୍ୟମୁଖୀ ଇତ୍ୟାଦି ଉପରେ ପ୍ରଦର୍ଶନୀ ସହିତ ତାଲିମ କାର୍ଯ୍ୟକ୍ରମ ମାନ କରାଯାଇଥିଲା । ଏତଦ୍‌ବ୍ୟତୀତ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବନରାଜା କୁକୁଡା ପାଳନ, ଛତୁ ଚାଷ, ଜିଆ ଖତ ପ୍ରସ୍ତୁତି, ମାଛ ଚାଷ ଇତ୍ୟାଦି ଉପରେ କ୍ଷେତ୍ରପ୍ରଦର୍ଶନ ମାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡରେ ପରିବର୍ତ୍ତନ ହେବା ସହିତ ଆତ୍ମସନ୍ତୋଷ ମିଳିପାରିଛି ।

